# ସଂଗ୍ରହାଳୟରେ ଝୁଲୁଛି ତାଲା

■ହେଉନି ରକ୍ଷଣାବେକ୍ଷଣ
■ଐତିହାସିକ କୀର୍ତ୍ତିରାଜି ନଷ୍ଟ ହେବା ଆଶଙ୍କା

ବାରିପଦା ଅଫିସ,୧୩।୮

ମୟୂରଭଞ୍ଜ ଜିଲା ସଦର ମହକୁମାସ୍ଥିତ ରାଜ୍ୟର ସର୍ବପୁରାତନ ସଂଗ୍ରହାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଆବଶ୍ୟକ କର୍ମଚାରୀ ସହିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ଷ ବର୍ଷ ଧରି ସଂଗ୍ରହାଳୟରେ ତାଲା ଝୁଲୁଛି। ମରାମତି ହେଉ ନ ଥିବାରୁ ୨୦୦୮ରେ ନିର୍ମାଣ ହୋଇଥିବା କୋଠା ଛାତରୁ ପାଣି ଝରୁଛି। ଫଳରେ ସଂଗ୍ରହାଳୟରେ ଥିବା ମୂଲ୍ୟବାନ ତଥା ଦୁର୍ଲଭ ଐତିହାସିକ କୀର୍ତ୍ତିରାଜି ଧ୍ୱଂସ ଆଡ଼କୁ ଗତି କରୁଛି।

ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ କରିବା ସକାଶେ ୧୯୦୩ରେ ବାରିପଦା ସହର କେନ୍ଦ୍ରସ୍ଥଳରେ ଏକ ସଂଗ୍ରହାଳୟ ନିର୍ମାଣ କରିଥିଲେ। ଏଥିରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗୃହିତ ଅନେକ ଦୁର୍ଲଭ ଦେବାଦେବୀଙ୍କ ମୂର୍ତ୍ତି, କୁଶାଣ, ପୁରାତନ ଯୁଗର ମୁଦ୍ରା, ତାମ୍ର ଲେଖ, ମୃଣ୍ମୟପାତ୍ର, ମଧ୍ୟଯୁଗୀୟ ଉପକରଣ, ପ୍ରାକ୍ ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ଓ ଉପକରଣ, ମୋହର(ସିଲ୍) ଆଦିକୁ ଅତି ଯତ୍ନରେ ସାଇତି ରଖିବାର ବ୍ୟବସ୍ଥା କରାଯାଇଥିଲା। ଏସବୁର ରକ୍ଷଣାବେକ୍ଷଣ ପାଇଁ ଜଣେ ଅଭିଜ୍ଞ ଓ ଦକ୍ଷ କର୍ମଚାରୀଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ୧୯୪୯ ଜାନୁଆରୀ ୧ରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ହେବା ପରେ ୨ ତାରିଖରେ ସ୍ୱତନ୍ତ୍ର ଜିଲା ଭାବେ ଶାସିତ ହେଲା। ସେହି ଦିନଠାରୁ ଏହି ସଂଗ୍ରହାଳୟ ମୟୂରଭଞ୍ଜ ଜିଲା ପ୍ରାଶାସନ ଅଧୀନରେ ରହିଥିବା ସଂସ୍କୃତି ବିଭାଗ ହାତକୁ ଆସିଥିଲା । ପରେ ୨୦୦୮ରେ ଛଉ ପଡ଼ିଆ ପାର୍ଶ୍ୱରେ ଜିଲା ସଂସ୍କୃତି ଭବନ ଓ ଜିଲା ସଂଗ୍ରହାଳୟର ନୂତନ କୋଠା ନିର୍ମାଣ କରାଯାଇଥିଲା। ସେହିଠାରେ ସଂଗ୍ରହାଳୟ ସହ ପାଠାଗାର କାର୍ଯ୍ୟ ଆରମ୍ଭ କରିଥିଲା। ଜିଲା ସଂସ୍କୃତି ଅଧିକାରୀଙ୍କ ସହ ୨ଜଣ ସ୍ୱତନ୍ତ୍ର କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ମିଳିଥିଲା। ଉକ୍ତ କର୍ମଚାରୀ ଦ୍ୱୟ ଅବସର ଗ୍ରହଣ କରିବା ପରେ ନୂତନ କର୍ମଚାରୀ ନିଯୁକ୍ତି ଦିଆ ନ ଯିବାରୁ ୨୦୧୨ଠାରୁ ଅଦ୍ୟାବଧି ରାଜ୍ୟର ଏହି ସର୍ବ ପୁରାତନ ସଂଗ୍ରହାଳୟ ବନ୍ଦ ରହିଛି।



ବାରିପଦା ସଂଗ୍ରହାଳୟ।

ସଂଗ୍ରହାଳୟରୁ ରାଜା ରାଜୁଡ଼ା ସମୟରେ ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ମିଳିଥାଏ । ଆଞ୍ଚଳିକ ଭାଷା, ଚାଲିଚଳଣୀ, ପର୍ବପର୍ବାଣୀ, ବାଦ୍ୟଯନ୍ତ୍ର ଓ ପୋଷାକ ପରିଚ୍ଛଦ ସହ ପଥର ଖଦେଇ କାରୁକାର୍ଯ୍ୟ ଦେଖିବାକୁ ମିଳେ । ମାତ୍ର ଏସବୁ ଦେଖିବାର ସୁଯୋଗ ମିଳୁ ନ ଥିବା +୩ଛାତ୍ରୀ ପଲ୍ଲବୀ ଭୂୟାଁ, ମମତା ନାୟକ, ଭାରତୀ ହାଁସଦା ପ୍ରମୁଖ କହିଛନ୍ତି। ସଂଗ୍ରହାଳୟକୁ ସୁରକ୍ଷିତ କରିବା ସାଙ୍ଗକୁ ଲୋକଲୋଚନକୁ ଆଣିବା ପାଇଁ ଆଦିବାସୀ ନେତା ରାକେଶ ସିଂ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା କୁହନ୍ତି, ଜିଲା ସଂସ୍କୃତି ବିଭାଗର କାର୍ଯ୍ୟାଳୟରେ କେବଳ ଜଣେ ଅଧିକାରୀ ଅଛନ୍ତି। ମଞ୍ଜୁରୀ ପ୍ରାପ୍ତ ୬ଟି ପଦବୀ ରହିଥିବା ବେଳେ ପଦବୀ ଖାଲି ପଡ଼ିଥିବାରୁ ସେ ଏକୁଟିଆ ରହି ସବୁ କାମ କରୁଛନ୍ତି । ଷ୍ଟାଫ୍ ନିଯୁକ୍ତି ପାଇଁ ବାରମ୍ବାର ଅବଗତ କରୁଥିଲେ ମଧ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ କୌଣସି କାମରେ ବାହାରକୁ ଗଲେ କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ ହୋଇଥାନ୍ତି।

## ଶାସଙ୍ଗ ଶ୍ରୀଜଗନ୍ନାଥ ମନ୍ଦିରରୁ ଚୋରି

ରସାଲପୁର, ୧୩।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଶାସଙ୍ଗ ପଞ୍ଚାୟତରେ ଥିବା ଶ୍ରୀଜଗନ୍ନାଥଜୀଉ ବିଜେ ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଥିବା ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶୁକ୍ରବାର ଭୋର ସମୟରେ ପୂଜକ ମନ୍ଦିର ସିଂହ ଦ୍ୱାର ଖୋଲି ଦେଖିବା ବେଳକୁ ମନ୍ଦିର ଗର୍ଭଗୃହର କବାଟରେ ତାଲା ନ ଥିଲା। ଏନେଇ ସେ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କୁ ଖବର ଦେଇଥିଲେ। ମନ୍ଦିର ତରଫରୁ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ସଦର ପୋଲିସ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କେତେଜଣ ଦୁର୍ବୃତ୍ତ ରାତିରେ ପାଚେରି ଡେଇଁ ମନ୍ଦିର ବେଢ଼ାରେ ପଶି ଗର୍ଭଗୃହର ଚାବି ଭାଙ୍ଗି ରାଧାକୃଷ୍ଣଙ୍କ ରୁପା ମୁକୁଟ, ବଂଶୀ, ଚିତା, ଆଦି ମୂଲ୍ୟବାନ ଜିନିଷ ଏବଂ ହୁଣ୍ଡି ଭାଙ୍ଗି କିଛି ଟଙ୍କା ଚୋରି କରି ନେଇଯାଇଥିଲେ। ଏହି ଘଟଣା ପାଇଁ ଠାକୁରଙ୍କ ନୀତିରେ ୩ ଘଣ୍ଟା ବିଳମ୍ବ ହୋଇଥିଲା। ପ୍ରଥମେ ମହାସ୍ନାନ କରାଯାଇ ପରେ ଅନ୍ୟ ନୀତି ହୋଇଥିଲା।

## ସଂକ୍ଷେପରେ

### ବିଧାୟକଙ୍କ ସ୍ମୃତିରେ ଚାରାରୋପଣ

ବାଲେଶ୍ୱର ଅଫିସ,୧୩।୮-ବାଲେଶ୍ୱର ସଦର ଭାଜପା ପକ୍ଷରୁ ବାଲେଶ୍ୱରର ଦିବଙ୍ଗତ ବିଧାୟକ ମଦନମୋହନ ଦତ୍ତଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଚାରାରୋପଣ କରାଯାଇଛି। ତାଙ୍କ ପୁତ୍ର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ମାଣିଖମ୍ବସ୍ଥିତ ସରସ୍ୱତୀ ଶିଶୁମନ୍ଦିର ନିକଟରେ ଚାରାରୋପଣ କରାଯାଇଥିଲା। ପରେ ସ୍ଥାନୀୟ ସଦର କାର୍ଯ୍ୟାଳୟରେ ଶୁଭେଚ୍ଛୁ ଓ ସମର୍ଥକଙ୍କ ଗହଣରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ବିଧାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରିବା ସହ ଭାଜପାର କାର୍ଯ୍ୟକର୍ତ୍ତାମାନଙ୍କୁ ମଦନମୋହନଙ୍କ ଭଳି କର୍ମଠ ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବିନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ସତ୍ୟଜିତ ମିଶ୍ର ଓ ସୁଜିତ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା କାଠ ବୋଝେଇ ଗାଡ଼ି ଜବତ



ଉଦଳା,୧୩।୮(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଉଦଳା ବନବିଭାଗ ଶୁକ୍ରବାର ଭୋର ସମୟରେ ମାର୍ଶିଙ୍ଗା-ଦାମୋଦରପୁର ରାସ୍ତାରେ ଚଢ଼ାଉ କରି ଚୋରାକାଠ ବୋଝେଇ ଏକ ୪୦୭ ଟ୍ରକ ଜବତ କରିଛି। ବନବିଭାଗ କର୍ମଚାରୀଙ୍କୁ ଦେଖି ଗାଡ଼ି ଡ୍ରାଇଭର ସମେତ ଥିବା ୫ ଚୋରା ଚାଲାଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବନବିଭାଗ କେବଳ ଟ୍ରକ୍ ଏବଂ କାଠ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଆଣିଛି। ଜବତ କାଠ ମଧରେ ୨୩ଟି ଲଗ୍ ରହିଥିବା ବେଳେ ସେଗୁଡିକ ଗମ୍ଭାରୀ ଏବଂ ନିମ୍ବ ପ୍ରଜାତିର ବୋଲି ଜଣାପଡ଼ିଛି। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ କହିଛି।

### ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ: ୨ ଗୁରୁତର

ସୋର, ୧୩।୮(ଡି.ଏନ.ଏ.)-ଶୁକ୍ରବାର ଭୋର ସମୟରେ ଜାତୀୟ ରାଜପଥ ସୋର କଲେଜଛକ ବ୍ରିଜ୍ ଉପରେ ଏକ ଆମ୍ବୁଲାନ୍ସ ଛିଡା ହୋଇଥିବା ଟ୍ରକରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସରେ ଥିବା ୨ଜଣ ଯାତ୍ରୀ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ଭୁବନେଶ୍ୱରରୁ ସୁଶାନ୍ତ ଦେ ଏବଂ ରଞ୍ଜିତା ଦେ ଭୁବନେଶ୍ୱରରୁ ଚାନ୍ଦିପୁର ଫେରୁଥିଲେ। ଦୁର୍ଘଟଣା ପରେ ସୁଶାନ୍ତ ଏବଂ ରଞ୍ଜିତା ଗାଡ଼ିରେ ଚାପି ହୋଇଯାଇଥିଲେ। ସେଠାରେ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଟିମ୍ ପହଞ୍ଚି ଆମ୍ବୁଲାନ୍ସ ଭିତରୁ ସେମାନଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଇ ଦିଆଯାଇଛି। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ଗାଁସାଥୀ ସଂଘର ଧାରଣା

ଭଦ୍ରକ ଅଫିସ, ୧୩।୮-ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗାଁସାଥୀ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ଏହାର ନେତୃତ୍ୱ ନେଇଥିଲେ। ଗାଁସାଥୀମାନଙ୍କୁ ମାସକୁ ସର୍ବନିମ୍ନ ୧୦ ଦିନର କାର୍ଯ୍ୟ ଓ ବର୍ଷକୁ ଅନ୍ୟୁନ ୧୦୦ ଦିନର କାର୍ଯ୍ୟ ଅର୍ଦ୍ଧକୁଶଳୀ ଶ୍ରମିକ ପ୍ରାପ୍ୟ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶନାମାକୁ ଜିଲା ଓ ବ୍ଲକ ସ୍ତରରେ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସମସ୍ତ କାର୍ଯ୍ୟରତ ଗାଁସାଥୀଙ୍କୁ କୋଭିଡ୍ ସମୟରେ ସର୍ବନିମ୍ନ ୨୦ ହଜାରରୁ ଅଧିକ ଆର୍ଥିକ ସହାୟତା, ରାଜ୍ୟ ନିର୍ଦ୍ଦେଶନାମାକୁ ଜିଲା ଓ ବ୍ଲକ ପ୍ରଶାସନ କାର୍ଯ୍ୟକାରୀ କରିବା, ମୟୂରଭଞ୍ଜ ଜିଲାର ଗାଁସାଥୀ ମାନିନୀ ନାୟକଙ୍କ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଆଦି ଦାବି କରାଯାଇଛି। ସଭାପତି ସୌଭାଗ୍ୟ କୁମାର ମିଶ୍ରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଧରାପଡ଼ିଲେ ୪ ଅଭିଯୁକ୍ତ

ପଦ୍ମପୁର/ବାରିପଦା ଅଫିସ,୧୩।୮(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଓ ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ ୧୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ଏହି କାରବାର ଚଳାଇଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସାବରଙ୍ଗ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ ହେଲେ ଚରମ୍ପା ପଥରଆଡ଼ି ଗ୍ରାମର ଅଜୟ ଦାସ ଓ ଗଞ୍ଜାମ ବ୍ରହ୍ମପୁର ଲାଞ୍ଜିପଲ୍ଲୀର ସତ୍ୟନାରାୟଣ ଆଚାର୍ଯ୍ୟ। ସେମାନଙ୍କଠାରୁ ୭୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ହେବ। ସେହିପରି ୨ ମୋବାଇଲ, ବାଇକ୍ ଓ ୪୦୦ ଟଙ୍କା ଜବତ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସୂଚନା ଅନୁଯାୟୀ, ଅଜୟ ଓ ସତ୍ୟନାରାୟଣ ବାଇକ୍‌ରେ ଉଚ୍ଛଡିହା ଟ୍ରେନ୍‌ଲାଇନ ପାର୍ଶ୍ୱ ରାସ୍ତାରେ ଗ୍ରାହକଙ୍କୁ ବିକ୍ରି ପାଇଁ ଯାଉଥିବା ବେଳେ ସାବରଙ୍ଗ ଏସ୍‌ଆଇ ଯତୀନ୍ଦ୍ରନାଥ ସିଙ୍କୁ, କନଷ୍ଟେବଳ ଇସାକ ଖାନ ଓ ଥାନାଧିକାରୀ ମନୋରମା ବାରିକ ସେମାନଙ୍କୁ କାବୁ କରିଥିଲେ। ସେମାନେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭଦ୍ରକର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲେ ବୋଲି ଜଣାପଡ଼ିଛି। ଏନେଇ ଥାନାରେ ମାମଲା(ନଂ. ୧୮୭/୨୧) ରୁଜୁ କରାଯାଇ ଶୁକ୍ରବାର ପୂର୍ବାହ୍ନରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସ୍‌ଡିପିଓ ସାର୍ଥକ ରାୟ କହିଛନ୍ତି।

ସେହିପରି ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ ଚଢ଼ାଉ କରି ଯଶିପୁର ନିକଟସ୍ଥ ନିର୍ମାଣାଧୀନ ଟୋଲ ଗେଟ ନିକଟରୁ ୫୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ ଅଭିଯୁକ୍ତକୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଦ୍ୱୟ ହେଲେ କେନ୍ଦୁଝର ଜିଲା ସଦରଥାନା ଅଧୀନ ହରିହରପୁର ଗ୍ରାମର କ୍ଷୀରୋଦ ମହାନ୍ତ(୨୪) ଓ ଚୋକା ଅଞ୍ଚଳର ଆଶିଷ କୁମାର ଗିରି(୩୪)। ସେମାନଙ୍କଠାରୁ ଗୋଟିଏ ଓଜନ ମେଶିନ, ମୋବାଇଲ ଓ ବାଇକ୍ ଜବତ କରାଯାଇଛି।

## ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ସୋର, ୧୩।୮(ଡି.ଏନ.ଏ.)

ସୋରର ଜଣେ ଯୁବକଙ୍କର ଗତ ୫ଦିନ ତଳେ ଡେଙ୍ଗୁରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ସୋରରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଡେଙ୍ଗୁ ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୌରପାଳିକା ଅନ୍ତର୍ଗତ ୧୧ ନଂ. ୱାର୍ଡରେ ଏହି କାର୍ଯ୍ୟକ୍ରମ ବେଳେ ଡେଙ୍ଗୁରୁ ରକ୍ଷା ପାଇବାକୁ ସ୍ୱଚ୍ଛତା ଏକ ବଳିଷ୍ଠ ଉପାୟ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏବେ ମ୍ୟୁନିସିପାଲିଟି ଅଧୀନରେ ଚାଲିଥିବା ସଫେଇ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜିତ କରାଯାଇ ଅଧିକ ସଂଖ୍ୟକ କର୍ମଚାରୀଙ୍କ ପ୍ରାପ୍ୟ ହଡପ କରାଯାଉଥିବା ଅଭିଯୋଗ ହୋଇଛି। ଏବେ କଟକ ଓ ଭୁବନେଶ୍ୱରରେ ଡେଙ୍ଗୁ ବ୍ୟାପୁଥିବା ଦୃଷ୍ଟିରୁ ସୋର ସହରରେ ସଫେଇ କାର୍ଯ୍ୟକ୍ରମରେ ପୌର ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ନଗର ସଭାପତି ରାଜେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଲଲାଟେନ୍ଦୁ ପଣ୍ଡା, ରାଧାଶ୍ୟାମ ମହାନ୍ତି, ବିଟୁନ୍ ଶତପଥୀ, ନିଶାକର ମହାନ୍ତି, ରତିରଞ୍ଜନ ପଣ୍ଡା, ସନ୍ତୋଷ ବେହେରା, ସତ୍ୟରଞ୍ଜନ ବେହେରା, ସନମ୍ ବାରିକ ଓ ତ୍ରିଲୋଚନ ବେହେରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୫୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଟ୍ରକ୍ ଡ୍ରାଇଭର ଅଟକ


ଜବତ ଗଞ୍ଜେଇ।

ରାଜପଥରେ ଏସ୍‌ଟିଏଫ୍‌ର ଚଢ଼ାଉ

ବସ୍ତା/ରୂପସା,୧୩।୮(ଡି.ଏନ.ଏ.)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ବସ୍ତା ବାଇପାସ୍‌ଠାରେ ଶୁକ୍ରବାର ଏସ୍‌ଟିଏଫ ଦ୍ୱାରା ଅଚାନକ ଚଢ଼ାଉ କରାଯାଇଛି। ଏକ ଟ୍ରକ (ନଂ.ଡବ୍ଲ୍ୟୁବି୩୭ବି-୭୧୧୬) ରେ ଗଞ୍ଜେଇ ବୋଝେଇ ହୋଇ ଗଞ୍ଜାମରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ବେଳେ ପ୍ରାୟ ୧୦ କୁଇଣ୍ଟାଲ ଗଞ୍ଜେଇ ସହ ଟ୍ରକକୁ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଘଟଣାସ୍ଥଳରୁ ହେଲପର ଚମ୍ପଟ ମାରିଥିବା ବେଳେ ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି। ଏହି ରାଜପଥ ଦେଇ ନିଶାବେପାରୀମାନେ ଦୈନନ୍ଦିନ ବ୍ରାଉନସୁଗାର, ଗଞ୍ଜେଇ, ନକଲି ମଦ ଆଦି ଚୋରା ନିଶାସାମଗ୍ରୀ ଚାଲାଣ କରିଥାନ୍ତି। ପୋଲିସ, ଅବକାରୀ ବିଭାଗ ଆଖିରେ ଧୂଳିଦେଇ ନିଶାମାଫିଆମାନେ ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ଏସ୍‌ଟିଏଫ ଡ଼ିଏସପି ମନୋଜ କୁମାର ରାଉତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଗଞ୍ଜେଇ ବୋଝେଇ ଟ୍ରକର ପିଛା କରି ସଫଳତା ପାଇଥିଲେ। ଜବତ ଟ୍ରକ ଓ ଗଞ୍ଜେଇ ବସ୍ତାକୁ ବସ୍ତା ଥାନାକୁ ଅଣାଯାଇଛି। ମାଜିଷ୍ଟ୍ରେଟ ଭାବେ ତହସିଲଦାର କାର୍ତ୍ତିକ ଦାସ, ଏସ୍‌ଡିପିଓ ଜଳନ୍ଧର ଜାଲି, ଆଇଆଇସି ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ପଞ୍ଚାୟତ ଦଖଲ ପାଇଁ ସଜବାଜ


ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ବସ୍ତା ମଣ୍ଡଳ ଭାଜପା କାର୍ଯ୍ୟକାରିଣୀ

ରୂପସା, ୧୩।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦେଇ ସାଙ୍ଗଠନିକ ଶକ୍ତି ଅଭିବୃଦ୍ଧି ଦିଗରେ ଆହ୍ୱାନ ଦେଇଥିଲେ। ରାଜ୍ୟ ପଞ୍ଚାୟତ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଦଳୀୟ ନିର୍ଦ୍ଦେଶାବଳୀ ମୁତାବକ ସମସ୍ତେ ଦାୟିତ୍ୱ ନିର୍ବାହ କଲେ ସଫଳତା ସୁନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ନିର୍ବାଚନମଣ୍ଡଳୀ ପ୍ରଭାରୀ ଗଙ୍ଗାଧର ମିଶ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ଉପସଭାପତି ପ୍ରଦୀପ କୁମାର ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ରବୀନ୍ଦ୍ର ଜୈନ, କୃଷକମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ପୂର୍ବତନ ଅତିରିକ୍ତ ଏସ୍‌ପି ଅସିତ କୁମାର ମହାନ୍ତି, ଯୁବନେତା ଦେବାଶିଷ ମହାପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ଅଭିରାମ ମଲ୍ଲିକ ଓ ଦୀନକୃଷ୍ଣ ବେହେରା, ଯୁବମୋର୍ଚ୍ଚା ସଭାପତି ଧୀରେନ ସେଠୀ, ମିଡ଼ିଆ ସଂଯୋଜକ ଦିବାକର ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରଣନୀତି ପ୍ରୟୋଗ କରି ଦଳ କିଭଳି ସମସ୍ତ ପଞ୍ଚାୟତ ଦଖଲ କରାଯିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ମୋର୍ଚ୍ଚା ସହ ପ୍ରତି ୱାର୍ଡ ଓ ବୁଥ ସ୍ତରରେ କାର୍ଯ୍ୟକାରୀ କମିଟି ଗଠନ କରାଯିବା ସହ ଦଳର ଶକ୍ତି ବୃଦ୍ଧି ପାଇଁ ପଞ୍ଚାୟତ ପ୍ରମୁଖ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ନେତୃବୃନ୍ଦ ଆଲୋଚନା କରିଥିଲେ। ଶେଷରେ ମଣ୍ଡଳ ଅନ୍ତର୍ଗତ ୯ଟି ପଞ୍ଚାୟତ ପ୍ରଭାରୀଙ୍କ ନାମ ଘୋଷଣା କରାଯାଇଥିଲା।

# ସହକାରୀ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ

ଭଦ୍ରକ ଅଫିସ, ୧୩।୮

ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଜିଲା ସହକାରୀ ପ୍ରାଥମିକ ଶିକ୍ଷକ (ଲେଭଲ-ଭି, ଏକ୍ସ କ୍ୟାଡର) ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନ୍ତର୍ଯ୍ୟାମୀ ନାୟକ ଅଧ୍ୟକ୍ଷତା କରିଥିଲେ। ସହ ସମ୍ପାଦକ ମାୟାଧର ଦାସ ମୁଖ୍ୟଅତିଥି ରାଜ୍ୟ ସଂଘ ସଭାପତି ଶରତ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ପାଦକ ନିତ୍ୟାନନ୍ଦ ରାଉଳ ସଭାର ପ୍ରମୁଖ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ନାୟକ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ସଂଘ ଏକ ନିର୍ଣ୍ଣାୟକ ଭୂମିକା ନେବାର ରୂପରେଖ ବାବଦରେ ସେ ସୂଚନା ଦେଇଥିଲେ। ସମସ୍ତ ବ୍ଲକ କର୍ମକର୍ତ୍ତା, ଜିଲା କୋଷାଧ୍ୟକ୍ଷ ରାଜେନ୍ଦ୍ର ବାରିକ, ଶ୍ରୀଧର ପଣ୍ଡା, ଶିବବ୍ରତ ରାଉତ, ସୁଧାଂଶୁ ମିଶ୍ର, ମନୋରଞ୍ଜନ ଦୀକ୍ଷିତ, ସୁଦର୍ଶନ ମିଶ୍ର, ସତ୍ୟବ୍ରତ ଭୂୟାଁ, ଅମୂଲ୍ୟ ବେହେରା, ବନମାଳି ପତି, ଜଗବନ୍ଧୁ ପତି ପ୍ରମୁଖଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକରେ ଯୋଗ ଦେଇଥିଲେ। ଶିକ୍ଷକ ନେତା ବସନ୍ତ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀ: ୨୫ ପରିବାର କ୍ଷତିଗ୍ରସ୍ତ

ବାସୁଦେବପୁର,୧୩।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନାୟକାଣିଡିହୀ ପଞ୍ଚାୟତର ମେଳଣ ପଡ଼ିଆ ସଂଲଗ୍ନ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ଓ ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷତି ଘଟିଛି। ଘୂର୍ଣ୍ଣିଝଡ଼ରେ ଆଖପାଖ ଦୋକାନ ଓ ଗ୍ରାମର କେତେକ ଲୋକଙ୍କ ଘର ଛପର ଉଡ଼ିଯାଇଥିବା ବେଳେ ଗଛଗୁଡ଼ିକ ଭାଙ୍ଗି ପଡ଼ିଛି। ସେହିପରି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଛି। ଅଗ୍ନିଶମ କର୍ମଚାରୀମାନେ ଭାଙ୍ଗି ପଡ଼ିଥିବା ଗଛ କାଟି ରାସ୍ତା ସଫା କରିଥିଲେ। ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ରାଜସ୍ୱ ଅଧିକାରୀ ଚନ୍ଦନ ବେହେରା ଓ ନାୟକାଣିଡିହୀ ସରପଞ୍ଚ ବଂଶୀଧର ବିଶ୍ୱାଳ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। ୧୨ ଘରର ୨୫ ପରିବାର କ୍ଷତିଗ୍ରସ୍ତ ହୋଇଥିବା ରାଜସ୍ୱ ଅଧିକାରୀ ସୂଚନା ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ବିଧାୟକ ପ୍ରତିନିଧି ଅସିତ୍ ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି।


ଅଗ୍ନିଶମ କର୍ମଚାରୀ ନାୟକାଣିଡିହୀ ମୁଖ୍ୟରାସ୍ତାରୁ ଗଛ ସଫା କରୁଛନ୍ତି।

# କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ନେଇ ଉଦ୍‌ବେଗ

ଭାଜପା ରାଜ୍ୟ ଟିମ୍‌ର ପରିଦର୍ଶନ

ଚମ୍ପୁଆ/ଯୋଡ଼ା/କେନ୍ଦୁଝର, ୧୩।୮(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବାସୁଦେବପୁର ଗ୍ରାମରେ ବୈତରଣୀ ନଦୀ ଉପରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପ ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରିଛି ଭାଜପାର ରାଜ୍ୟ କୃଷକ ମୋର୍ଚ୍ଚାର ଏକ ଟିମ୍। ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଉକ୍ତ ଟିମ୍ କାନପୁର ଜଳସେଚନ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲା। ପ୍ରକଳ୍ପ କାର୍ଯ୍ୟ ଶେଷ ହେଉ ନ ଥିବା ନେଇ ଟିମ୍ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପ୍ରାରମ୍ଭରେ ୮୬ କୋଟି ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ପ୍ରକଳ୍ପ କାର୍ଯ୍ୟ ସରିବାରେ ବିଳମ୍ବ ହେଉଛି। ଫଳରେ ବର୍ତ୍ତମାନର ବ୍ୟୟ ଅଟକଳ ୨୪ ଶହ ୩୮ କୋଟି ଟଙ୍କାରେ ପହଞ୍ଚିଛି। ଏହି ପ୍ରକଳ୍ପ ୨୦୨୨ରେ ଶେଷ ହେବାକୁ ସ୍ଥିର ହୋଇଥିବା ବେଳେ ଏପର୍ଯ୍ୟନ୍ତ ନିକଟରେ ଯାଇଥିବା ଜାତୀୟ ରାଜପଥର ପୋଲ କାମ ମଧ ଆରମ୍ଭ ହୋଇନାହିଁ। ପାଖାପାଖି ୩୫ ବର୍ଷ ହୋଇଯାଇଥିଲେ ମଧ କାର୍ଯ୍ୟ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି ଭାଜପା ମୁଖ୍ୟ ସଚେତକ ମୋହନ ମାଝୀ। ପରିଦର୍ଶନରେ ଆସିଥିବା ଟିମ୍ ବିଭାଗୀୟ ଅଧିକାରୀ ଉଦୟନାଥ ସାହୁ, ସଞ୍ଜୀବ କୁମାର ନାଏକ, ପି. ରାଜେଶ ରେଡ୍ଡୀ, ଅଜୟ ନାଏକ ଓ ଗୋପିନାଥ ମାଝିଙ୍କ ସହ ଆଲୋଚନା କରିଥିଲା। ଏହି କାର୍ଯ୍ୟକୁ ଅଢ଼େଇ ବର୍ଷ ମଧ୍ୟରେ ଶେଷ କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ସଚେତକ ମାଝୀ କହିଛନ୍ତି। ଭାଜପା ପକ୍ଷରୁ ଦିଲୀପ କୁମାର ମିଶ୍ରା, ରଞ୍ଜନ ପଟେଲ, ରାଧାକାନ୍ତ ମହାନ୍ତ, ସୁକେଶୀ ଓରାମ ପ୍ରମୁଖ ନେତା କାନପୁର ଡ୍ୟାମ୍‌ର ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଧାନସଭାରେ ପ୍ରସଙ୍ଗ ଉଠାଯିବ ବୋଲି କହିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ନ ହେଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ମୁଖ୍ୟ ସଚେତକ ମାଝୀ ଚେତାବନୀ ଦେଇଛନ୍ତି।


କାନପୁର ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଭାଜପା ଟିମ୍ ସଦସ୍ୟ।

## ସଂକ୍ଷେପରେ

### ପାଣି ଖାଲରେ ପଡ଼ି ଶିଶୁକନ୍ୟା ମୃତ

ରୂପସା, ୧୩।୮(ଡି.ଏନ.ଏ.)-ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପରିଖି ଫାଣ୍ଡି ଅଞ୍ଚଳର ସୁଧାଂଶୁ ଜେନାଙ୍କ ଦେଢ଼ବର୍ଷର ଝିଅ ଦୀପିକା ଗୁରୁବାର ପାଣି ଖାଲରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ଘରେ ଖେଳୁଥିବା ବେଳେ ପାଖରେ ଥିବା ଏକ ପାଣି ଖାଲ ଭିତରକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ. ୫୦/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ମଦ ଜବତ କଲେ ଗ୍ରାମବାସୀ

ଖଇରା, ୧୩।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡୁଙ୍ଗୁରା ବଜାରରେ ଦେଶୀ ମଦ ବୋଝେଇ ମାରୁତି ଭ୍ୟାନକୁ ବଜାରବାସୀ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ମାମଲା(ନଂ.୧୮୫/୨୧)ରୁଜୁ କରି ଏଥିରେ ଥିବା ୨ଶହ ଲିଟର ମଦ ଜବତ କରିବା ସହ ଡ୍ରାଇଭର ଅନାଦୀ ସେଠୀଙ୍କୁ କୋର୍ଟଚାଲାଣ କରିଛି। ଗୁରୁବାର ରାତିରେ ଔପଦାରୁ ଗର୍ସଙ୍ଗ ଯାଉଥିବା ବେଳେ ଡୁଙ୍ଗୁରା ନିକଟରେ ଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ।

### ମଦ ବେପାରୀଙ୍କୁ ପୋଲିସ ଚାନ୍ଦା ମାଗିବା ଅଡିଓ ଭାଇରାଲ

ଜଳେଶ୍ୱର,୧୩।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହା ପଶ୍ଚିମବଙ୍ଗର ପଶ୍ଚିମମେଦିନୀପୁର ଜିଲାର ନୟାଗ୍ରାମ, ଗୋପିମୋହନପୁର ଓ ଦାନ୍ତୁନ ଥାନା ଅଞ୍ଚଳକୁ ଲାଗି ରହିଥିବାରୁ ପ୍ରତିଦିନ ପଶ୍ଚିମବଙ୍ଗରୁ ଚୋରାମଦ ଏହି ଅଞ୍ଚଳକୁ ଆସିଥାଏ। ପୋଲିସ ଜାଣତରେ ଏହି କାରବାର ଚାଲିବା ଓ ସେମାନଙ୍କଠାରୁ ମାସିକ ଚାନ୍ଦା ନେଉଥିବାର ଏକ ଅଡ଼ିଓ ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାରେ ଆଡିସିନାଲ ଏସ୍‌ପି ଗୋବିନ୍ଦ ସେଠୀ ଓ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର ତଦନ୍ତ କରି ଫେରିଛନ୍ତି। ଏହି ଅଡିଓରେ ରାଇବଣିଆ ଥାନାର ଜଣେ କନଷ୍ଟେବଲ ଜଣେ ମଦ ବ୍ୟବସାୟୀଙ୍କଠାରୁ ଟଙ୍କା ମାଗିବା ଓ ଟଙ୍କା ନ ଦେଲେ କେସ୍‌ରେ ପୂରାଇ ଦେବା ଲାଗି ଧମକ ଦେଉଥିବା ଶୁଣିବାକୁ ମିଳୁଛି। ଧାନଘେରା ଅଞ୍ଚଳର ଜଣେ ଯୁବକ ମାସିକ ଚାନ୍ଦା ଦେଇ ଚୋରାମଦ କରାବାର କରି ଆସୁଥିଲେ। ହେଲେ ସେ ଟଙ୍କା ନ ଦେବାରୁ ତାଙ୍କୁ କେସ୍‌ରେ ଫସାଇ ଦେବାକୁ ଧମକ ଦେବା ସହିତ କନଷ୍ଟେବଲ ଜଣକ ପୋଲିସ୍ ପୋଷାକରେ ମଦ ପିଉଥିବା ଭିଡ଼ିଓ ମଧ ଭାଇରାଲ ହୋଇଛି।

### ୨ ଅଙ୍ଗନୱାଡି କେନ୍ଦ୍ର ଶିଳାନ୍ୟାସ

ବାଲେଶ୍ୱର ଅଫିସ, ୧୩।୮-ବାଲେଶ୍ୱର ଜିଲା ସଦର ବ୍ଲକ ବଇଁଚା ପଞ୍ଚାୟତର ପାଲବଇଁଚା ଓ ସିନ୍ଧିଆ ପଞ୍ଚାୟତ କୁସୁଡ଼ିଆ ଗ୍ରାମରେ ନୂତନ ଅଙ୍ଗନୱାଡି କେନ୍ଦ୍ର ଲାଗି ଶୁକ୍ରବାର ଶିଳାନ୍ୟାସ ହୋଇଛି। ବିଧାୟକ ସ୍ୱରୂପ କୁମାର ଦାସ ୨ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ସିନ୍ଧିଆ ସରପଞ୍ଚ ଅନିରୁଦ୍ଧ ପ୍ରଧାନ, ବଇଁଚା ସରପଞ୍ଚ ଅମ୍ବିକା ବେହେରା, ସମିତିସଭ୍ୟା ଗୀତାଞ୍ଜଳି ତରେଇ,ହେମଲତା ପାଢ଼ୀ, ବ୍ଲକ ସଭାପତି ବସନ୍ତ ପଣ୍ଡା, ସିନ୍ଧିଆ ସଭାପତି ପ୍ରସନ୍ନ ଜେନା, ବଇଁଚା ସଭାପତି ପୂର୍ଣ୍ଣଚନ୍ଦ୍ର ମହାଳିକ, ପୂର୍ବତନ ସରପଞ୍ଚ ମଧୁସୂଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍‌ଲାଇନରେ ହେବ ୟୁଜି ୩ୟ ସେମିଷ୍ଟର

**ବାଲେଶ୍ୱର ଅଫିସ,୧୩।୮**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ଅନୁବନ୍ଧିତ କଲେଜରେ ୟୁଜି(ଅଣ୍ଡର ଗ୍ରାଜୁଏଟ୍) ୩ୟ ସେମିଷ୍ଟର ଅନଲାଇନ୍‌ରେ ହେବା ନେଇ ଛାତ୍ରୀଛାତ୍ର ଦାବି କରି ଆସୁଥିଲେ। ଏ ଦିଗରେ ଗୁରୁତ୍ୱ ଦିଆ ନ ଯିବାରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଅଧୀନ ୯୨ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଆସି ବିଶ୍ୱବିଦ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। ପରେ ବିଶ୍ୱବିଦ୍ୟାଳୟ କୁଳପତି ଡ. ସନ୍ତୋଷ ତ୍ରିପାଠୀ ଧାରଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ଦାବିକୁ ଗ୍ରହଣ କରି ଅନଲାଇନ୍‌ରେ ପରୀକ୍ଷା ହେବାକୁ ଘୋଷଣା କରିଥିଲେ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧୀନରେ ଥିବା ସମସ୍ତ ଅନୁବନ୍ଧିତ ଯୁକ୍ତ ୩ କଲେଜରେ ୟୁଜି ୩ୟ ସେମିଷ୍ଟାର ଅଫଲାଇନ୍‌ରେ ଆସନ୍ତା ଅଗଷ୍ଟ ୨୩ତାରିଖରେ ହେବା ନେଇ ୭ତାରିଖରେ ନୋଟିସ୍ ପ୍ରକାଶ ପାଇଥିଲା।


କୁଳପତି ଡ. ସନ୍ତୋଷ ତ୍ରିପାଠୀ ଅନଲାଇନ ପରୀକ୍ଷା କରାଯିବା ନେଇ ଘୋଷଣା କରୁଛନ୍ତି।

ଛାତ୍ରୀଛାତ୍ରମାନେ ଏହା ଜାଣିବା ପରେ କରୋନାର ପ୍ରଭାବ ବାଲେଶ୍ୱର ଓ ଭଦ୍ରକ ଜିଲାରେ ଅଦ୍ୟାବଧି ରହିବା କେତେକାଞ୍ଚଳ କଣ୍ଟେନମେଣ୍ଟ ଜୋନ୍‌ରେ ରହିଛି। ବସ୍ ଚଳାଚଳ ମଧ ସ୍ୱାଭାବିକ ହୋଇପାରିନାହିଁ। ସମସ୍ତ ଛାତ୍ରୀଛାତ୍ର କରୋନା ଟିକା ନେଇପାରି ନ ଥିବା ବେଳେ ଅଫଲାଇନ୍ ପରୀକ୍ଷା ସମ୍ଭବ ନୁହେଁ ବୋଲି ଦାବି କରିଥିଲେ। ଅନ୍ୟପକ୍ଷରେ ଗତ ଅଗଷ୍ଟ ୭ ତାରିଖରେ ଉଚ୍ଚଶିକ୍ଷା ବିଭାଗ

**ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପରେ ଦାବି ମାନିଲେ**

ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ, ଛାତ୍ରୀଛାତ୍ରଙ୍କ ସେମିଷ୍ଟାର ଦିଗରେ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକ ନିଜ ସ୍ତରରେ ନିଷ୍ପତ୍ତି ନେଇ ଅନଲାଇନ୍ କିମ୍ବା ଅଫଲାଇନ୍ ପରୀକ୍ଷା କରାଇପାରିବେ। ଏହାକୁ ଆଧାର କରି ରାଜ୍ୟରେ ଏକାଧିକ କଲେଜରେ ଅନଲାଇନ୍ ପରୀକ୍ଷା ହେଉଛି। ସେଥିପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟରେ ପରୀକ୍ଷା ଅନଲାଇନ୍‌ରେ କରିବା ପାଇଁ ଛାତ୍ରୀଛାତ୍ରମାନେ ଗତ ୯ତାରିଖରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଜିଲାପାଳ, ଉଚ୍ଚଶିକ୍ଷା ସଚିବ ଏବଂ ମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରିଥିଲେ।

# ସିଆରଆରସି ପ୍ରତିଷ୍ଠା ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଲେ ନବଜ୍ୟୋତି

**ବାଲେଶ୍ୱର ଅଫିସ, ୧୩।୮**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଦକ୍ଷତା ହାସଲ ଲାଗି ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ କୋଷ୍ଟାଲ ରିସାଇଲେଏନ୍ସ ରିସର୍ଚ୍ଚ ସେଣ୍ଟର (ସିଆରଆରସି) ପ୍ରତିଷ୍ଠା ପାଇଁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, କେନ୍ଦ୍ର ଶିକ୍ଷା, ମାନବସମ୍ବଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟକୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି।

ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ପ୍ରତିବର୍ଷ ବହୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ବର୍ଷା ଋତୁରେ ପ୍ରବଳ ବୃଷ୍ଟିପାତ, ବଜ୍ରପାତ, ବନ୍ୟା ଓ ଝଡ଼ବତାସ ଭଳି ବିପର୍ଯ୍ୟୟ ଘଟୁଛି। ଏପରିକି ଗ୍ରୀଷ୍ମ ଋତୁରେ ଫନି ଭଳି ବାତ୍ୟା ଏବଂ ତାହାର ଅନେକ ପୂର୍ବରୁ ଅକ୍ଟୋବରରେ ମହାବାତ୍ୟାର ବିଭୀଷିକା ଓଡ଼ିଶା ଦେଖିସାରିଛି। ମୋଟ ଉପରେ କହିଲେ ପ୍ରତିବର୍ଷ ମେ'ରୁ ନେଇ ନଭେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ବିପର୍ଯ୍ୟୟର ଆଶଙ୍କା ରହୁଛି। ଜଳବାୟୁ ପରିବର୍ତ୍ତନ ମଧ ଏହି ଆଶଙ୍କାକୁ ବଢ଼ାଇ ଦେଇଛି। ଏହାଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳରେ ଭୀଷଣ କ୍ଷତି ହେବା ସହିତ ରାଜ୍ୟର ଦୁଇ ତୃତୀୟାଂଶ ଲୋକ ପ୍ରଭାବିତ ହେଉଛନ୍ତି। ବାଲେଶ୍ୱର ଜିଲାରେ ୮୦ କି.ମି. ଦୀର୍ଘ ସମୁଦ୍ର ଉପକୂଳ ରେଖା ରହିଛି ଏବଂ ଏହା ଉପକୂଳ ସାମୁଦ୍ରିକ ଜୈବିକ ପରିସଂସ୍ଥାର ପ୍ରାଚୁର୍ଯ୍ୟରେ ଭରପୂର। ବିଗତ ବହୁବର୍ଷ ଧରି ବାଲେଶ୍ୱର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବାତ୍ୟାଗୁଡିକ ସ୍ଥଳଭାଗ ଛୁଇଁବା ସ୍ଥାନ ଭାବରେ ପରିଲକ୍ଷିତ ହୋଇଆସୁଛି।


ନବଜ୍ୟୋତି ପଟ୍ଟନାୟକ।

ତେଣୁ ବାତ୍ୟାର ଗତିବିଧି ସମ୍ବନ୍ଧୀୟ ବିଶ୍ଳେଷଣ ପାଇଁ ଏହି ଅଞ୍ଚଳକୁ ପ୍ରକୃଷ୍ଟ ଆଧାର ଭାବରେ ବିବେଚନା କରାଯାଇ ପରବର୍ତ୍ତୀ ପନ୍ଥା ନିରୂପଣ କରିବା ପାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରସ୍ତାବିତ ଅଧ୍ୟୟନ ନିମନ୍ତେ ଭୂତତ୍ତ୍ୱ ବିଜ୍ଞାନ, ଭୂଗୋଳ, ପରିବେଶ ବିଜ୍ଞାନ, ଅର୍ଥନୀତି, ପ୍ରବନ୍ଧନ, ଜନ ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଭୃତି ବିଭାଗ ରହିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ସହିତ ୯୨ଟି ମହାବିଦ୍ୟାଳୟ ଅନୁବନ୍ଧିତ ହୋଇଛନ୍ତି ଏବଂ ସେଗୁଡ଼ିକରେ ପ୍ରାୟ ୫୦୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତାବିତ ସିଆର୍‌ଆର୍‌ସି ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ ଅଥବା ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱଳ୍ପ ଅବଧିର ପାଠ୍ୟକ୍ରମ ପ୍ରଚଳନ କରାଗଲେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ବୃହତ୍ତର ପ୍ରଶିକ୍ଷିତ ବଳ ଗଠନ କରାଯାଇପାରିବ ବୋଲି ପଟ୍ଟନାୟକ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଅନ୍ୟ ମାଧ୍ୟମରେ ଖଣିଜ ପରିବହନକୁ ବିରୋଧ



ବୈଠକରେ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ବଡ଼ବିଲ,୧୩।୮(ସ୍ୱ.ପ୍ର.)**

**ଜିଲା ୬ ଟ୍ରକ୍ ମାଲିକ ସଂଘର ଜରୁରୀ ବୈଠକ**

କେନ୍ଦୁଝର ଜିଲା ବଡ଼ବିଲଠାରେ ଜିଲାର ୬ ଟ୍ରକ୍ ମାଲିକ ସଂଘ ଏକାଠି ହୋଇଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ୬ ସଂଘର କୋର୍ କମିଟି ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର, ଆନନ୍ଦପୁର, ଭୁଷୁଗାଁ, ଗୁଆଲି, ଯୋଡ଼ା ଓ ବଡ଼ବିଲର ଟ୍ରକ୍ ମାଲିକ ସଂଘର ସଭାପତି, ସମ୍ପାଦକଙ୍କ ସହ ଅନ୍ୟ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ମୁନାଫା ପାଇଁ ଖଣି ଲିଜ୍‌ଧାରୀମାନେ ସଡ଼କପଥ ଯୋଗେ ପରିବହନକୁ ବାଦ୍ ଦେଇ କିଭଳି କମ୍ ଖର୍ଚ୍ଚ ଓ ସୁରୁଖୁରୁରେ ଅଳ୍ପ ସମୟ ମଧ୍ୟରେ ରେଳପଥ, କନଭେୟର ବେଲ୍ଟ ଓ ପାଇପ୍ ଯୋଗେ ଖଣିଜ ପରିବହନ ହୋଇପାରିବ ସେନେଇ ମସୁଧା ଚଳାଇଥିବା ଅଭିଯୋଗ କରି ଏହାକୁ ବିରୋଧ କରାଯାଇଛି। ଜିଲାର ଟ୍ରକ୍ ମାଲିକ ସଂଘଗୁଡ଼ିକ ଏହା ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଯୋଜନା ଆରମ୍ଭ କରିଛନ୍ତି।

ସଡ଼କପଥ ଦେଇ ଖଣିଜ ପରିବହନ ବନ୍ଦ ହେବାକୁ ବସିଥିବାରୁ ଟ୍ରକ୍ ମାଲିକଙ୍କ ସହ, ଚାଳକ, ହେଲ୍‌ପରଙ୍କ ସମେତ ବ୍ୟବସାୟକୁ ଆଧାର କରି ବିଭିନ୍ନ ସ୍ତରରେ ଗୁଜୁରାଣ ମେଣ୍ଟାଉଥିବା ହଜାର ହଜାର ପରିବାରରେ ବେକାରୀ ସମସ୍ୟା ସୃଷ୍ଟି ହୋଇଥିବା କୋର୍ କମିଟିର ଏହି ୪ର୍ଥ ବୈଠକରେ କୁହାଯାଇଛି। ଟ୍ରକ୍‌ରେ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ହେବା ପୂର୍ବରୁ ଆନ୍ଦୋଳନ କରାଯିବ ଏବଂ ଜିଲାପାଳ, ଏସ୍‌ପିଙ୍କୁ ଏନେଇ ଅବଗତ କରାଯିବ ବୋଲି କୋର୍ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

# ଜିଆର୍‌ଏସ୍ ଅଦଳବଦଳ ସ୍ଥଗିତ

**ହାଟଡିହୀ,୧୩।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ୩୧ ପଞ୍ଚାୟତରେ ମୋଟ ୩୦ ଜଣ ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ) କାର୍ଯ୍ୟରତ ଅଛନ୍ତି। ନିକଟରେ ନିର୍ଦ୍ଦେଶ ହୋଇଥିବା ଜିଆର୍‌ଏସ୍ ଅଦଳବଦଳ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ, ବିଡିଓ ବିନିତା ବିଜୟିନୀ ଚିଠି ନଂ. ୭୪୪/୭।୮।୨୦୨୧ରେ ସମସ୍ତ ଜିଆର୍‌ଏସ୍‌ଙ୍କ ପଞ୍ଚାୟତ ଅଦଳବଦଳ ନିର୍ଦ୍ଦେଶ ହୋଇଥିଲା। ସେମାନଙ୍କ ମଧ୍ୟରୁ ବିକାଶ କୁମାର ଜେନା, ମନୋଜ କୁମାର ମହାନ୍ତି, ରଞ୍ଜନ କୁମାର ମଲ୍ଲିକଙ୍କୁ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଥିଲା। ଏକ ସମୟରେ ହଠାତ୍ ସମସ୍ତ ଜିଆର୍‌ଏସ୍‌ଙ୍କ ଅଦଳବଦଳ ହେଲେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ବାଧା ସୃଷ୍ଟି ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଫଳରେ ଚିଠି ନଂ. ୧୯୮୮/୧୦।୮।୨୦୨୧ ଅନୁସାରେ ବଦଳି ସ୍ଥଗିତ ଆଦେଶ ଜାରି କରାଯାଇଛି।

# ପଞ୍ଚାୟତ ବ୍ୟବସ୍ଥା ସଶକ୍ତ କରିବାକୁ ଆହ୍ୱାନ



ଜିଲାସ୍ତରୀୟ ବୈଠକରେ କଂଗ୍ରେସ କର୍ମୀ।

**ଭଦ୍ରକ ଅଫିସ,୧୩।୮**

ସମାଜର ସବୁଠାରୁ ତଳେ ଥିବା ଲୋକଙ୍କ ପାଖରେ ବିକାଶ ପହଞ୍ଚାଇବା ପାଇଁ ପଞ୍ଚାୟତ ବ୍ୟବସ୍ଥା ହିଁ ଏକମାତ୍ର ମାଧ୍ୟମ। ଏହି ବ୍ୟବସ୍ଥାକୁ ଦେଶରେ ପ୍ରତିଷ୍ଠା କରିବା କ୍ଷେତ୍ରରେ କଂଗ୍ରେସର ଅବଦାନ ଅତୁଳନୀୟ। ଏହାକୁ ଆହୁରି ସଶକ୍ତ କରି ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ସ୍ୱପ୍ନ ସାକାର କରିବାକୁ ଭଦ୍ରକଠାରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ବୈଠକରେ ଆହ୍ୱାନ ଦିଆଯାଇଛି। ସଙ୍ଗଠନର ଜିଲା ସଂଯୋଜକ ପ୍ରଦ୍ୟୁମ୍ନ ଦାସଙ୍କ ପୌରୋହିତ୍ୟରେ ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ପ୍ରଭାରୀ କୁନାଲ ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦେଶରେ ପଞ୍ଚାୟତ ବ୍ୟବସ୍ଥାକୁ ଦୃଢ଼ କରିବା କ୍ଷେତ୍ରରେ ରାଜୀବ ଗାନ୍ଧୀଙ୍କ ଅବଦାନ ଓ ପ୍ରୟାସ ବିଷୟରେ ସେ ବକ୍ତବ୍ୟ ରଖିବା ସହ ବର୍ତ୍ତମାନ ଏହା ଦୁର୍ବଳ ହୋଇଯାଇଥିବା କହିଥିଲେ। ରାଜ୍ୟ ସଭାପତି ସୁଦର୍ଶନ ଦାସ ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସଙ୍ଗଠନର ରଣକୌଶଳ ବିଷୟରେ ଗୁରୁମନ୍ତ୍ର ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ସଙ୍ଗଠନର ଆଞ୍ଚଳିକ ସଂଯୋଜକ ନଳିନୀ ମହାନ୍ତି, ପିସିସିର ସାମାଜିକ ଗଣମାଧ୍ୟମ ଅଧକ୍ଷ ଅଭିଷେକ ମହାନନ୍ଦ, ବାଲେଶ୍ୱର ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବବ୍ରତ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# କୁକୁଡ଼ା ଫାର୍ମ ବିରୋଧରେ ଜିଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦୁଝର, ୧୩।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଟାଙ୍ଗରପଡା ପଞ୍ଚାୟତ ଅଙ୍କୁରା ଝପାସାହିରେ ପ୍ରସ୍ତାବିତ କୁକୁଡ଼ା ଫାର୍ମକୁ ବିରୋଧ କରି ସ୍ଥାନୀୟ ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଅଙ୍କୁରା ଝପାସାହିରେ ପୂର୍ବରୁ ଛୋଟ ଛୋଟ ୨ରୁ ୩ଟି କୁକୁଡ଼ା ଫାର୍ମ ରହିଛି। ଏବେ ଜଣେ ସ୍ଥାନୀୟ ଲୋକ ୧୩୦୦୦ କୁକୁଡ଼ା କ୍ଷମତା ବିଶିଷ୍ଟ ଏକ ଫାର୍ମ କାର୍ଯ୍ୟ ଆରମ୍ଭ କରିଥିବାରୁ ଲୋକେ ଚିନ୍ତାରେ ପଡ଼ିଛନ୍ତି। ପ୍ରସ୍ତାବିତ ଫାର୍ମଟି ଜନବସତିଠାରୁ ଅଳ୍ପ ଦୂରରେ ହେବାକୁ ଯାଉଛି। ପାଖାପାଖି ୭୦୦ ଲୋକ ଏହାଦ୍ୱାରା ପ୍ରଭାବିତ ହେବେ। ଏଠାରେ


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଲୋକେ।

କୁକୁଡ଼ା ଫାର୍ମ କରାଗଲେ ପରିବେଶ ପ୍ରଦୂଷିତ ହେବା ସହ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ିବାର ଆଶଙ୍କା ରହିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ଉକ୍ତ ଅଞ୍ଚଳରୁ କୁକୁଡ଼ା ଫାର୍ମଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ସ୍ୱଚ୍ଛତା ଅଭିଯାନ

**ଭଣ୍ଡାରିପୋଖରୀ,୧୩।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଫିସ ପରିସରରେ ଶୁକ୍ରବାର ସ୍ୱଚ୍ଛତା ଅଭିଯାନରେ ବିଡିଓ ଦେବଦତ୍ତ ଦାଶଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା। ବ୍ଲକ ମଙ୍ଗଳ ଅଧିକାରୀ ବିଜୟାନନ୍ଦ ରାଉତ, ଉଦୟନାଥ ବେଜ, ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ କାହ୍ନୁ ଚରଣ ମହାନ୍ତି, ସୁଭଦ୍ରା ପାତ୍ର, ସୀତା ସାହୁ, ରାଜୀବ ଲୋଚନ ବିଶ୍ୱାଳ, ରାଧାଶ୍ୟାମ ମହାନ୍ତି, ନୀଳମଣି ଗାହାଣ ପ୍ରମୁଖ ବ୍ଲକ ପରିସର ଓ ପାର୍ଶ୍ୱ ଅଞ୍ଚଳ ସଫା କରିଥିଲେ।

# ନିଜ ଗାଁରେ ରାଶନ ପ୍ରଦାନ ଦାବି

**ବାସୁଦେବପୁର, ୧୩।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତ ଖାଣ୍ଟଖୁଆଡ଼ ଗ୍ରାମର ୫୦ରୁ ଅଧିକ ହିତାଧିକାରୀ ସେମାନଙ୍କ ରାଶନ ସାମଗ୍ରୀ ପୂର୍ବପରି ନିଜ ଗ୍ରାମରେ ପ୍ରଦାନ ଲାଗି ଦାବି କରିଛନ୍ତି। ଏ ନେଇ ସେମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବରୁ ଗ୍ରାମରେ ସେମାନଙ୍କୁ ରାଶନ ମିଳୁଥିଲା। କିନ୍ତୁ ଚଳିତ ମାସ ଗ୍ରାମ ପରିବର୍ତ୍ତେ ୨ କି.ମି. ଦୂର କମ୍ୟୁନିଟି ସେଣ୍ଟରରେ ପ୍ରଦାନ କରାଯାଉଥିବା ବେଳେ ଦୂରତା ଦୃଷ୍ଟିରୁ ଗ୍ରାମବାସୀ ସେଠାରୁ ସାମଗ୍ରୀ ନେବାକୁ ଅମଙ୍ଗ ହୋଇଛନ୍ତି। ଏ ଦିଗରେ ଯୋଗାଣ ବିଭାଗ ଓ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

# ରିଲିଫ୍ ବଣ୍ଟା ବେଳେ ଉତ୍ତେଜନା

**ପଦ୍ମପୁର,୧୩।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର 'ୟାସ୍' ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ ବେଳେ ଉତ୍ତେଜନା ପ୍ରକାଶ ପାଇଛି। ପଞ୍ଚାୟତ ଅଧିକାରୀମାନଙ୍କୁ କାର୍ଯ୍ୟାଳୟରେ ବନ୍ଦ କରି ସ୍ଥାନୀୟ ଗ୍ରାମବାସୀ ତାଲା ପକାଇ ଦେଇଥିଲେ।

ପ୍ରକାଶ ଯେ, ଏହି ପଞ୍ଚାୟତର ୩ଟି ୱାର୍ଡ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ସ୍ତରରେ ଘୋଷଣା ଅନୁଯାୟୀ ୨୪୮ କୁଇଣ୍ଟାଲ ଚାଉଳ ଓ ଗୋଖାଦ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହା ପଞ୍ଚାୟତ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଇ ଗ୍ରାମବାସୀ ରିଲିଫ୍‌କୁ ଗ୍ରହଣ କରି ନ ଥିଲେ। ଫଳରେ ଦୀର୍ଘଦିନ ଧରି ଖାଦ୍ୟ ସାମଗ୍ରୀ ବଣ୍ଟନ ହୋଇପାରି ନ ଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ


ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଉତ୍ତ୍ୟକ୍ତ ଗ୍ରାମବାସୀ।

ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତି ଦାସ ରିଲିଫ୍ ବଣ୍ଟନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ ପଞ୍ଚାୟତର ୩ ୱାର୍ଡ ବ୍ୟତୀତ ଅନ୍ୟ ଗ୍ରାମର ଲୋକେ ସେଠାରେ ପହଞ୍ଚି ସମସ୍ତଙ୍କୁ ରିଲିଫ୍ ବଣ୍ଟନ କରିବାକୁ ଜିଦ୍ ଧରିଥିଲେ। ଏପରିକି ଅଧିକାରୀମାନଙ୍କୁ ଅଫିସ୍ ଭିତରେ ରଖି ସେମାନେ ବାହାରୁ ତାଲା ପକାଇ ଦେଇଥିଲେ। ଖବର ପାଇ ନାୟକାଣିଡିହୀ ଥାନା ଏଏସ୍‌ଆଇ

■ରାଜଘରପୋଖରୀ ପଞ୍ଚାୟତ
■ଅଧିକାରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ
■ସ୍ଥଗିତ ରହିଲା ବଣ୍ଟନ

ବିଜୟ କୁମାର ଦାସ ମହାପାତ୍ର କର୍ମଚାରୀମାନଙ୍କ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରିଲିଫ୍ ବଣ୍ଟନ ସ୍ଥଗିତ ରହିଥିଲା। ଏହାପରେ କାର୍ଯ୍ୟାଳୟରୁ ତାଲା ଖୋଲା ଯାଇଥିଲା। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଇଛି। ସବୁ ଗ୍ରାମକୁ ରିଲିଫ୍ ଦେବା ସମ୍ଭବ ନୁହେଁ। ଉପରିସ୍ଥ ଅଧିକାରୀଙ୍କ ସହ ପରାମର୍ଶ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

# ଦିନରେ ଜଙ୍ଗଲ, ରାତିରେ ଗାଁ

**ବୈଶିଙ୍ଗା,୧୩।୮(ଡି.ଏନ.ଏ.)**

■ଦନ୍ତା ଉତ୍ପାତରେ ଲୋକେ ଆତଙ୍କିତ
■ଅତିଷ୍ଠ କରୁଛି ବିଜୁଳି କାଟ୍

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କ୍ଷୀରପଦା, ଦଲଦଲି,ମୋହନପୁର,ଖଇରବଣି,ଭୁଡୁରୁବଣି,ହାତୀଝୁରି ଆଦି ଗ୍ରାମରେ ଏକ ଗୋଠଛଡ଼ା ଦନ୍ତା ହାତୀ ସପ୍ତାହେ ହେଲା ଉତ୍ପାତ ଚଳାଇଛି। ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ପକାଉଛି। ହାତୀଟି ଦିନରେ କ୍ଷୀରପଦା ଜଙ୍ଗଲ ମଧ୍ୟରେ ଲୁଚି ରହୁଥିବା ବେଳେ ରାତି ହେଲେ ନିକଟସ୍ଥ ଗାଁରେ ପଶି କ୍ଷୟକ୍ଷତି କରୁଛି। ଅନ୍ୟପକ୍ଷରେ ବଡ଼ାମପୁର ଗାଁ ନିକଟସ୍ଥ ଜଙ୍ଗଲକୁ ମଧ ୧୧ଟି ଝାଡ଼ଖଣ୍ଡି ହାତୀ ଆସି ଆଖପାଖ ଅଞ୍ଚଳରେ ଉପଦ୍ରବ କରୁଛନ୍ତି। ଏନେଇ ଅଞ୍ଚଳବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ହାତୀଙ୍କ ସୁରକ୍ଷିତ ଚଳପ୍ରଚଳ ଲାଗି ପ୍ରଶାସନ ପକ୍ଷରୁ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଲୋକେ ଅତିଷ୍ଠ ହୋଇ ପଡ଼ିବା ସହ ଏହା ସେମାନଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ ହୋଇପଡୁଛି। ଏନେଇ ଆତ୍ମନିଯୁକ୍ତି ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ସ୍ଥାନୀୟ ବାସିନ୍ଦାଙ୍କ ମାଛ, ଡାଇରୀ ଫାର୍ମ, ମେଶିନ୍ ପ୍ରସ୍ତୁତ ଶାଳ ପତ୍ର ଖଲି ଦୋନା ଉଦ୍ୟୋଗଗୁଡ଼ିକ ଗୁରୁତର ପ୍ରଭାବିତ ହୋଇଛି। ସନ୍ତରା ପଞ୍ଚାୟତର ମଛପଦାଠାରେ ଥିବା ଅବଧୂତ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ରର ମାଲିକ ଅରବିନ୍ଦ ସାହୁ ଅଭିଯୋଗ କରିଛନ୍ତି ଯେ, ହାତୀଙ୍କ ସୁରକ୍ଷା ନିମନ୍ତେ ବିଜୁଳି କାଟ୍ ହେବା ଫଳରେ ବର୍ଷକ ମଧ୍ୟରେ ତାଙ୍କର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ରାତିରେ ବିଜୁଳି କାଟ୍ ଯୋଗୁ ଆର୍ଥିକ ତଣ୍ଡ ସହିବାକୁ ପଡୁଥିବା ଯୁବ ଉଦ୍ୟୋଗୀମାନେ କହିଛନ୍ତି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅଞ୍ଚଳର ସତ୍ୟ ନାରାୟଣ ବିନ୍ଧାଣି, ମନୋଜ କୁମାର ପୁହାଣ, ଅରୁଣ ସାହୁ ପ୍ରମୁଖ ଦାବି କରିଛନ୍ତି।

